## ୮ ସେପ୍ଟେମ୍ବର ୨୦୨୩ ଖୁତ୍‌ବା ଜୁମାର ସାରାଂଶ
## ସ୍ଥାନ - ମସଜିଦ୍ ବୈତୁଲ୍ ସୁବୁହ୍, ଫ୍ରାଙ୍କଫୁର୍ଟ୍, ଜର୍ମାନୀ

ଜର୍ମାନୀର ବାର୍ଷିକ ଧର୍ମସମ୍ମିଳନୀ ସଫଳତା ପୂର୍ବକ ଅନୁଷ୍ଠିତ ହେବା, ବ୍ୟବସ୍ଥା ବିଭାଗ ଓ କର୍ମକର୍ତ୍ତାମାନଙ୍କୁ ହଜୁର ଅନଓ୍ୱର [ଅ.ବ] ଙ୍କର ବହୁମୂଲ୍ୟ ଉପଦେଶ ପ୍ରଦାନ ଏବଂ ଯୋଗଦାନକାରୀ ଅତିଥିମାନଙ୍କ ମତାମତର ଆଲୋଚନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ; ଅଲ୍ଲାଃତାଲାଙ୍କର ଅଶେଷ ଦୟା ଓ ଅନୁକମ୍ପା ଫଳରେ ଜମାଅତ ଅହେମଦିୟା ଜର୍ମାନୀର ବାର୍ଷିକ ଧର୍ମସମ୍ମିଳନୀ ଗତ ସପ୍ତାହରେ ସଫଳତା ପୂର୍ବକ ଉଦ୍‌ଯାପିତ ହେଲା । ସର୍ବପ୍ରଥମେ ଆମମାନଙ୍କୁ ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କରିବା ଉଚିତ୍ ଯେ, ସେ କିଛି ବର୍ଷର ଅନ୍ତରାଳରେ ବ୍ୟାପକ ସ୍ତରରେ ସାମାନ୍ୟ ରୂପେ ଜଲ୍‌ସା ଅନୁଷ୍ଠିତ କରିବାକୁ ଶକ୍ତି ପ୍ରଦାନ କଲେ ।

ବ୍ୟବସ୍ଥା ବିଭାଗ ଓ ଜଲସାରେ ଯୋଗଦାନକାରୀଙ୍କୁ ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କରିବା ଉଚିତ୍ । କର୍ମୀମାନଙ୍କୁ ମଧ୍ୟ ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କରିବା ଉଚିତ୍ ଯେ, ଦୟାମୟ ପ୍ରଭୁ ସେମାନଙ୍କୁ ହଜରତ ମସିହ ମଉଦ [ଅ.ସ] ଙ୍କ ଅତିଥିମାନଙ୍କ ସେବା ସତ୍କାର କରିବାକୁ ଶକ୍ତି ପ୍ରଦାନ କଲେ । ଏହି ବ୍ୟାପକ ବ୍ୟବସ୍ଥା ମଧ୍ୟରେ ଅନେକ ତ୍ରୁଟି ରହି ଯାଇଥିବ ଏବଂ ଅନେକ ଅତିଥିଙ୍କୁ କଷ୍ଟ ମଧ୍ୟ ସହ୍ୟ କରିବାକୁ ପଡ଼ିଥିବ କିନ୍ତୁ ଯେହେତୁ ଧାର୍ମିକ ଉଦ୍ଦେଶ୍ୟ ପ୍ରାପ୍ତି ସକାଶେ ଏଠାକୁ ଆସିଥିଲେ ତେଣୁକରି ସେମାନେ କୌଣସି ଅଭିଯୋଗ କଲେ ନାହିଁ । କିନ୍ତୁ ମୋତେ ସୂଚନା ମିଳିଲା ଯେ, କେତେକ ଆୟୋଜନ ସଠିକ୍ ରୂପେ ସମ୍ପାଦିତ ହୋଇ ନଥିଲା ।

କର୍ମୀମାନେ ତ କଠିନ ପରିଶ୍ରମ କରି ନିଜ କର୍ତ୍ତବ୍ୟ ସମ୍ପାଦନ କରିଥିଲେ । ଯଦିଚ ସେମାନଙ୍କ ବିଭାଗରେ କୌଣସି ତ୍ରୁଟିବିଚ୍ୟୁତ ହୋଇଥିଲା ତେବେ ତାହା ସେମାନଙ୍କ ଅଧ୍ୟକ୍ଷମାନଙ୍କ ଭୁଲ ମାର୍ଗଦର୍ଶନ ଯୋଗୁଁ ଘଟିଥିଲା । ଯେଉଁସ୍ଥଳେ ଅତିଥିମାନଙ୍କୁ କିଛି କଷ୍ଟ ସହ୍ୟ କରିବାକୁ ପଡ଼ିଥିଲା ସେଥିପାଇଁ କର୍ମକର୍ତ୍ତାମାନେ ଦାୟୀ । ଅତଏବ ସେମାନଙ୍କୁ କ୍ଷମା ଯାଚନା କରିବା ଉଚିତ୍ ଏବଂ ଏହି ସମସ୍ତ ତ୍ରୁଟିଗୁଡ଼ିକୁ ଲାଲ ପୁସ୍ତକରେ ଦରଜ କରି ତାହାକୁ ସଂଶୋଧନ କରିବାକୁ ଚେଷ୍ଟା କରିବା ଉଚିତ୍ ।

ଜଲ୍‌ସା ସ୍ଥଳିର ଲିଫ୍‌ଟ କାମ କରୁ ନଥିଲା, ସ୍ନାନାଗାର ଖୁବ୍ କମ୍ ସଂଖ୍ୟକ ରହିଥିଲା, ଜଳ ଯୋଗାଣ ବ୍ୟବସ୍ଥା ମଧ୍ୟ ଠିକ୍ ନଥିଲା । ସିକ୍ୟୁରିଟି ଗାର୍ଡ଼ମାନେ ଅକାରଣେ ଲୋକମାନଙ୍କୁ ଅଟକାଉ ଥିଲେ, କାର୍ଯ୍ୟକ୍ରମର ଅନୁବାଦ ବ୍ୟବସ୍ଥାରେ ମଧ୍ୟ ତ୍ରୁଟି ରହିଥିଲା, ଭାଷଣଗୁଡ଼ିକ ସଠିକ୍ ରୂପେ ଶୁଣା ଯାଉ ନଥିଲା । କେତେକ ଅତିଥି ଅଭିଯୋଗ କଲେ କି ଆମେ ଭଲ ଭାବରେ ଖୁତ୍‌ବା ଜୁମା ମଧ୍ୟ ଶୁଣି ପାରିଲୁ ନାହିଁ । ଜଲସା ସମୟରେ ମଧ୍ୟ ଏଥିପ୍ରତି ମୁଁ ବ୍ୟବସ୍ଥା ବିଭାଗର ଧ୍ୟାନ ଆକର୍ଷିତ କରିଥିଲି । ଅଫସର୍ ସାହେବ ଜଲ୍‌ସା, ଅଫସର୍ ସାହେବ ଜଲ୍‌ସାସ୍ଥଳି, ମାଇକ୍ ଓ ସାଉଣ୍ଡ ବିଭାଗର ଅଧ୍ୟକ୍ଷ ବିଶେଷ ଭାବରେ ଏଥିପାଇଁ ଦାୟୀ । ଲୋକମାନେ ଏଠାକୁ ଜଲ୍‌ସା ଶୁଣିବାକୁ ଆସିଥାନ୍ତି, ଯଦି କାର୍ଯ୍ୟକ୍ରମ ଶୁଣେଇବା ବ୍ୟବସ୍ଥାରେ ହିଁ ତ୍ରୁଟି ରହିଯାଏ ତେବେ ଜଲ୍‌ସାରୁ କି ଉପକାର ମିଳିବ । ବାକି (ଅନ୍ୟ)ବ୍ୟବସ୍ଥାରେ ତ୍ରୁଟି ରହିଗଲେ ତାହା ବରଦାସ୍ତ କରାଯାଇ ପାରେ **କିନ୍ତୁ ଜଲ୍‌ସାର କାର୍ଯ୍ୟକ୍ରମ ଶୁଣେଇବା ବ୍ୟବସ୍ଥାରେ କୌଣସି ତ୍ରୁଟିବିଚ୍ୟୁତ ହେଲେ କଦାପି ବରଦାସ୍ତ କରାଯିବ ନାହିଁ ।**

ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଏହା କୌଣସି ମେଳା ନୁହେଁ ଯେ, ଯେଉଁସ୍ଥଳେ ଲୋକେ ରୁଣ୍ଡ ହୋଇଯିବେ । କାର୍ଯ୍ୟକ୍ରମ ନଶୁଣା ଯିବା ହେତୁ ପଶ୍ଚାତ ଭାଗର କେତେକ ସ୍ଥାନରେ ମେଳା ସଦୃଶ ପରିସ୍ଥିତି ଦୃଶ୍ୟମାନ ହେଉଥିଲା । ମୋ ଅନୁମାନ ମୁତାବକ ପାଖାପାଖି ୭/୮ ହଜାର ଲୋକ ଏପରି ଥିବେ ଯେ ସଠିକ୍ ରୂପେ ଜଲ୍‌ସାର କାର୍ଯ୍ୟକ୍ରମ ଶୁଣିପାରି ନାହାନ୍ତି । ବ୍ୟବସ୍ଥା ବିଭାଗ ଏହାର ଦୋଷ ଲୋକମାନଙ୍କ ଉପରେ ଲଦୁଛନ୍ତି । ଯଦି ଲୋକମାନେ କଥାବାର୍ତ୍ତାରେ ଲିପ୍ତ ରହିଥିଲେ ତେବେ ସେମାନଙ୍କୁ ପ୍ରଶିକ୍ଷିତ କରିବାରେ ଅବହେଳା ଅବଲମ୍ବନ କରାଯାଇଛି । ମିଶ୍‌ନାରୀ ଇନ୍‌ଚାର୍ଜ ଓ ମୁରବୀମାନେ ଏଥିପାଇଁ ଦୋଷୀ ଯେ, କାହିଁକି ସେମାନେ ବର୍ଷ ସାରା ତାଙ୍କର ତରବିୟତ୍ କରୁ ନାହାନ୍ତି । ଲୋକମାନଙ୍କ ଉପରେ ଦୋଷ ଲଦି ଦିଅନ୍ତୁ ନାହିଁ । ଜଣେ ଅହେମଦିର ଧ୍ୟାନ ଆକର୍ଷିତ କଲେ ସାଧାରଣତଃ ସେ ସକରାତ୍ମକ ପ୍ରତିକ୍ରିୟା ପ୍ରଦର୍ଶିତ କରିଥାଏ । ଏଥର ଜଲ୍‌ସାସ୍ଥଳୀରେ ଶୃଙ୍ଖଳା ରକ୍ଷା କରିବାରେ ପୁରୁଷମାନଙ୍କ ତୁଳନାରେ ମହିଳାମାନେ ଆଗେଇ ଯାଇଛନ୍ତି । ଅତଃ ପୁରୁଷମାନଙ୍କ ତରବିୟତ୍ ବିଭାଗକୁ ନିଜ ଅବସ୍ଥା ପ୍ରତି ଚିନ୍ତିତ ହେବା ଉଚିତ୍ ।

**ବିକାଶଶୀଳ ଗୋଷ୍ଠୀମାନେ ନିଜ ଦୋଷତ୍ରୁଟି ପ୍ରତି ସଦୈବ ସଜାଗ ସତର୍କ ରହିଥାନ୍ତି ।** ତେଣୁକରି ସେମାନେ ଉନ୍ନତି କରିଥାନ୍ତି । ସବୁକିଛି ଠିକ୍ ଅଛି କହି ନିଜ ଉନ୍ନତି ପଥକୁ ଅବରୋଧ କରିଦିଅନ୍ତୁ ନାହିଁ ଏବଂ ନା ଏଥିରେ କିଛି ଲାଜ କରିବା ଉଚିତ୍ । ଅଲ୍ଲାଃତାଲା (ସମସ୍ତ) ବିଭାଗର କର୍ତ୍ତୃପକ୍ଷଙ୍କୁ ନିଜର ସଂଶୋଧନ କରିବାକୁ ଶକ୍ତି ପ୍ରଦାନ କରନ୍ତୁ । ଏସମସ୍ତ ଦୋଷତ୍ରୁଟି ସତ୍ତ୍ୱେ ଅଲ୍ଲାଃତାଲାଙ୍କର ଆମ ଉପରେ ଅଶେଷ ଦୟା ଯେ, ସେ ଆମର ସମସ୍ତ ଦୋଷତ୍ରୁଟିକୁ ଢ଼ାଙ୍କି ଦେଲେ ଏବଂ ଜଲ୍‌ସାରେ ଯୋଗଦେଇଥିବା ସମସ୍ତ ଅତିଥିଗଣ ସକାରତ୍ମକ ପ୍ରଭାବ ନେଇ ପ୍ରତ୍ୟାବର୍ତ୍ତନ କଲେ ଏବଂ ଫେରିଯିବା ପୂର୍ବରୁ ଅଭୂତପୂର୍ବ ମତାମତ ଦେଇଗଲେ । ଜମାଅତ ଅହେମଦିୟା ଜର୍ମାନୀକୁ ଅଲ୍ଲାଃତାଲାଙ୍କର ଅତ୍ୟଧିକ କୃତଜ୍ଞତା ଜ୍ଞାପନ କରିବା ଉଚିତ୍ ଯେ ସେ ଏହି ଜଲ୍‌ସା ମାଧ୍ୟମରେ ଲୋକମାନଙ୍କୁ ପ୍ରକୃତ ଇସଲାମର ଶିକ୍ଷା ସମ୍ପର୍କରେ ଅବଗତ କରେଇବାକୁ ଶକ୍ତି ପ୍ରଦାନ କଲେ ।

ପ୍ରିୟ ହଜୁର ଅନଓ୍ୱର[ଅ.ବ] ଅତିଥିମାନଙ୍କ ମନ୍ତବ୍ୟ ଉପସ୍ଥାପନ କରି କହିଲେ; ବୁଲ୍‌ଗେରୀୟାର ଜଣେ ଖ୍ରୀଷ୍ଟଧର୍ମୀ ମହିଳା ଶ୍ରୀମତୀ ଓ୍ୱିରୋନେକା ସାହେବା ଯେକି ବୃତ୍ତିରେ ଜଣେ ଓକିଲ ଓ P.hd କରିଥିବା ଡ଼ାକ୍ତର ନିଜ ମତ ପ୍ରକାଶ କରି କୁହନ୍ତି, ଜଲ୍‌ସାର ଆୟୋଜନ ଏଭଳି ସୁନ୍ଦର ଓ ଚିତ୍ତାକର୍ଷକ ଥିଲା ଯେ, କାହାରି ମୁଖରେ ଲେଶ ମାତ୍ର ଅସ୍ଥିରତା କିମ୍ବା କୌଣସି ପ୍ରକାରର ଚିନ୍ତା ନଥିଲା । ଏହି କାର୍ଯ୍ୟକ୍ରମ ମୋତେ ଆଧ୍ୟାତ୍ମିକ ସ୍ତରରେ ସତେଜତା ପ୍ରଦାନ କରିଛି । ବୁଲ୍‌ଗେରୀୟାର ଆଉ ଜଣେ ମହିଳା ଅତିଥି ଶ୍ରୀମତୀ ତନାକିୟା ସାହେବା କୁହନ୍ତି, ଏହି ଜଲ୍‌ସା ମୋ ମାନସ ପଟରେ ସର୍ବଦା ଅଙ୍କିତ ରହିବ । ମୁଁ ପ୍ରଥମ ଥର ସହସ୍ର ମୁସଲମାନମାନଙ୍କୁ ଏକାଠି ଉପାସନା କରୁଥିବାର ଦେଖିଲି । ସମସ୍ତ ଲୋକମାନେ ଆନନ୍ଦ ଉତ୍ସାହର ସହିତ ସାକ୍ଷାତ କରୁଥିଲେ । ଉପସ୍ଥିତ ଖଲିଫାଙ୍କର ଅଭିଭାଷଣ ଅତି ପ୍ରଭାବଶାଳୀ ଥିଲା ।

ମକ୍‌ଦୁନିୟା'ର ଜଣେ ଖ୍ରୀଷ୍ଟଧର୍ମୀ ସାମ୍ବାଦିକ କୁହନ୍ତି ଯେ, ଜଲ୍‌ସାର ଆୟୋଜନ ଅତ୍ୟନ୍ତ ଉଚ୍ଚମାନର ଥିଲା । ଏହା ମୋ ପାଇଁ ମର୍ଯ୍ୟାଦା ପୂର୍ଣ୍ଣ ଯେ, ମୁଁ ଏକ ଏପରି ଜଲସାରେ ଯୋଗ ଦେଇଛି ଯେଉଁସ୍ଥଳେ ବିବିଧ ଧର୍ମ, ଜାତି ଓ ବର୍ଣ୍ଣର ଲୋକମାନେ ସାମିଲ ଥିଲେ । ମକ୍‌ଦୁନିୟାର ଆଉ ଜଣେ ସାମ୍ବାଦିକ କହିଲେ; ଉପସ୍ଥିତ ଖଲିଫାଙ୍କର ବିଭିନ୍ନ ପ୍ରସଙ୍ଗରେ ପ୍ରଦତ୍ତ ଅଭିଭାଷଣ ମୋତେ ଗଭୀର ଭାବରେ ପ୍ରଭାବିତ କରିଛି । ଏହି ଅବସରରେ ଅନେକ ଅହେମଦିଙ୍କ ସହିତ କଥାଭାଷା ହେବାର ସୁଯୋଗ ମିଳିଲା । ସେମାନେ ଅତି ସ୍ନେହ ଆଦର ଓ ସ୍ମିତହାସ୍ୟ ପ୍ରକାଶ କରି କଥା ହେଉଥିଲେ । ଆପଣଙ୍କ ଆଦର୍ଶ ନୀତି "ପ୍ରେମ ସଭିଙ୍କ ପାଇଁ ଘୃଣା କାହାରିକୁ ନୁହେଁ"ର ବାସ୍ତବିକ ରୂପରେଖ ମୁଁ ସ୍ୱଚକ୍ଷୁରେ ଅବଲୋକନ କଲି ଏବଂ **ଏହି ନୀତି (ମୋଟୋ) ଦ୍ୱାରା ହିଁ ସଂସାରରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ।**

ସ୍ଲୋଭାକିୟା ଦେଶର ଜଣେ ମହିଳା ଶିକ୍ଷୟତ୍ରି ଶ୍ରୀମତୀ ମାର୍ଟିନା ସାହେବା କୁହନ୍ତି; ଅତିଥିସତ୍କାର ଏପରି ଅନନ୍ୟ ନମୁନା ମୁଁ ପୂର୍ବରୁ କଦାପି ଦେଖି ନଥିଲି । ବୈଅତ୍ ଓ ନମାଜ ପାଠ କରିବା ସମୟରେ ନିଜକୁ ଭାବବିହ୍ୱୋଳ ହେବାରୁ ରୋକି ପାରିଲି ନାହିଁ । ସ୍ଲୋଭାକିୟା ଦେଶର ଆଉ ଜଣେ ଅତିଥି କହିଲେ; ଜଲ୍‌ସା ପୂର୍ବରୁ ମୋତେ ଇସଲାମ ସମ୍ପର୍କରେ କୌଣସି ଧାରଣା ନଥିଲା, କିନ୍ତୁ ଜଲ୍‌ସାରେ ଯୋଗ ଦେବା ପରେ ମୋତେ ଅଲ୍ଲାଃ ଓ ରସୁଲଙ୍କ ପଦମର୍ଯ୍ୟାଦା ସମ୍ପର୍କରେ ଜ୍ଞାତ ହେଲା । ଅହେମଦିମାନେ ଅତି ଆଗ୍ରହ ଓ ଉତ୍ସାହର ସହିତ ଅତିଥିମାନଙ୍କର ସତ୍କାର କରୁଥିଲେ । ସ୍ଲୋଭାକିୟାର

ଆଉ ଜଣେ ଅତିଥି କହିଲେ; ମୋତେ ଅହେମଦିମାନଙ୍କ ଆଚାର ବ୍ୟବହାର ଓ ଅତିଥିସତ୍କାର ଭୀଷଣ ରୂପେ ପ୍ରଭାବିତ କରିଛି । ଅହେମଦିମାନେ ନିଜ ନୀତିଶିକ୍ଷାର ପାଳନକାରୀ ଅଟନ୍ତି । ଅଲବାନିୟାର ଜଣେ ଅତିଥି ଯେକି ବୃତ୍ତିରେ ଜଣେ ଅଧ୍ୟାପକ ସେ କୁହନ୍ତି, ଜଲ୍‌ସାର ଆୟୋଜନ ଅତି ଉଚ୍ଚକୋଟିର ଥିଲା । ଏହି ଜଲ୍‌ସାରେ ମୁଁ ଦେଖିଲି ଯେ, ଖଲିଫା ହିଁ ଆପଣମାନଙ୍କ ଏକତାର ମୂଳ ।

ବୋସ୍‌ନିୟା ପ୍ରଦେଶରୁ ଆସିଥିବା ଇତିହାସ ବିଭାଗର ଜଣେ ଅଧ୍ୟାପକ ଶ୍ରୀମାନ ହାରିସ୍ ସାହେବ କହିଲେ; ଜଲ୍‌ସାର ସମସ୍ତ ଆୟୋଜନ ବିଧିବଦ୍ଧ ଯୋଜନା ଦ୍ୱାରା ଅନୁଷ୍ଠିତ ହୋଇଥିଲା ଏବଂ ବେଶ୍ ଭଲ ବ୍ୟବସ୍ଥା ହୋଇଥିଲା । ଖଲିଫାଙ୍କ ପ୍ରଥମ ଅଭିଭାଷଣରେ ହିଁ ମୋ ମନମସ୍ତିକରୁ ସମସ୍ତ ଶଙ୍କା ଦୂର ହୋଇଯାଇଥିଲା । ପରେ ତାଙ୍କ ସହ ସାକ୍ଷାତ କରିବା ମୋତେ ଗଭୀର ଭାବରେ ପ୍ରଭାବିତ କରିଥିଲା ଏବଂ ମୋତେ ଅତ୍ୟନ୍ତ ଆଶ୍ୱସ୍ତି ଲାଭ ହେଲା । ବୋସ୍‌ନିୟା'ର ରେଡ଼କ୍ରସ୍ ବିଭାଗର ସେକ୍ରେଟେରୀ ଶ୍ରୀମାନ ଅନ୍ଦରା ହାଇଦର୍ ସାହେବ କହିଲେ; ଖଲିଫାଙ୍କ ସହିତ ସାକ୍ଷାତ କରିବା ପୂର୍ଣ୍ଣ ଆନନ୍ଦଦାୟକ ଥିଲା । **ଏହି ଖିଲାଫତ୍ ବ୍ୟବସ୍ଥା ହିଁ ସମଗ୍ର ବିଶ୍ୱରେ ବସବାସ କରୁଥିବା ଅହେମଦିମାନଙ୍କୁ ଗୋଟିଏ ମାଳିରେ ଗୁନ୍ଥି ରଖିଛି ।** ଆଜି ମୁଁ ମୁସଲମାନ ହେବା ଯୋଗୁଁ ଗର୍ବିତ ।

ଜର୍ଜିୟା'ରୁ ଆସିଥିବା ଜୈନିକ ମହିଳା ଅତିଥି କୁହନ୍ତି; ମୁଁ ପ୍ରଥମ ଥର ପାଇଁ ଜଲ୍‌ସା ଦେଖିଲି । ଛୋଟବଡ଼ ସଭିଏଁ ଅକ୍ଲାନ୍ତ ପରିଶ୍ରମ ଓ ମନପ୍ରାଣର ସହିତ ସେବା କାର୍ଯ୍ୟରେ ମଜି ରହିଥିଲେ । ଆଲମୀ ବୈଅତ୍‌ର କାର୍ଯ୍ୟକ୍ରମ ଦେଖି ନିଜ ଭାବାବେଗକୁ ଆୟତାଧିନ କରିବା କଷ୍ଟସାଧ ଥିଲା । ଜମାଅତ୍‌ର ଖଲିଫା ଆମ ସମ୍ମୁଖରେ କଲମ ଦ୍ୱାରା ଜିହାଦ୍ କରିବାର ଚିତ୍ରଣ କଲେ, ଯାହାର ଏହି ବିନୀତ ଶତ ପ୍ରତିଶତ ସମର୍ଥନ କରୁଅଛି । **ମୋର ଅଟଳ ବିଶ୍ୱାସ ଯେ, ଭବିଷ୍ୟତରେ ବିଶ୍ୱବାସୀ ଇସଲାମ୍ ପ୍ରସଙ୍ଗରେ ଗଭୀର ଅନୁଧ୍ୟାନ କରିବେ ଓ ଏତଦ୍ ଦ୍ୱାରା ପରମେଶ୍ୱରଙ୍କୁ ଚିହ୍ନି ନେବେ ।**

ଜର୍ଜିୟା'ର ଜଣେ ସୁନ୍ନି ବିଦ୍ୱାନ କୁହନ୍ତି; ମୁଁ ଖ୍ରୀଷ୍ଟଧର୍ମ ପରିତ୍ୟାଗ କରି ଇସଲାମ ଧର୍ମ ସ୍ୱୀକାର କଲି ଏବଂ ପବିତ୍ର ପିଠସ୍ଥଳୀ ମଦିନାରେ ଯାଇ ବାସ କଲି । ଶୁଣିଥିଲି ଅହେମଦିମାନେ ଆମକୁ ଅମାନ୍ୟକାରୀ (କାଫିର୍) କୁହନ୍ତି ଏବଂ ସେମାନଙ୍କର ଆସ୍ଥା ଭିନ୍ନ ରକମର । ଜଲ୍‌ସାରେ ଜମାଅତ୍‌କୁ ନିକଟରୁ ଦେଖିବାକୁ ସୁଯୋଗ ମିଳିଲା, ଖଲିଫାଙ୍କ ଅଭିଭାଷଣଗୁଡ଼ିକୁ ଧ୍ୟାନ ପୂର୍ବକ ଶୁଣିଲି । ଶେଷରେ ବୁଝି ପାରିଲି ଯେ, ଆପଣମାନଙ୍କୁ କାଫିର୍ କହିବା ଭୁଲ ଅଟେ । ଜଲ୍‌ସାର ତିନି ଦିନର କାର୍ଯ୍ୟକ୍ରମ ଶୁଣି ମୁଁ ନିଜର ସମସ୍ତ ପ୍ରଶ୍ନର ଉତ୍ତର ପାଇଗଲି ।

କୋସୋଓ'ରୁ ଆସିଥିବା ଶିକ୍ଷା ବିଭାଗର ସଞ୍ଚାଳକ କହିଲେ; ଜଲ୍‌ସା ଦିନର ଅଭିଭାଷଣ ଶୁଣିଲି ଯାହାକି ମୋ ମନମସ୍ତିଷ୍କରେ ସର୍ବଦା ଅଙ୍କିତ ରହିବ । ଏହି ସୁନ୍ଦର ଆତିଥ୍ୟତାର ଅଭିଜ୍ଞତା ମୋ ହୃଦୟରେ ଚିରକାଳ ବିଦ୍ୟମାନ ରହିବ । କୋସୋଓ'ର ମେୟର କହିଲେ; ଏହି ବହୁଳ ଜନସମାଗମରେ ଏକତା ଓ ଭାତୃଭାବର ଚମତ୍କାର ଦୃଶ୍ୟ ଆମ ହୃଦୟକୁ ଗଭୀର ଭାବରେ ପ୍ରଭାବିତ କରିଛି । ଉପସ୍ଥିତ ଖଲିଫାଙ୍କ ବକ୍ତୃତା ଅତି ପ୍ରଭାବଶାଳୀ ଥିଲା । ଆପଣଙ୍କ ଅତିଥିସତ୍କାର ମଧ୍ୟ ବିସ୍ମୟକର ଥିଲା ।

କେମ୍‌ରୁନ୍'ର ପ୍ରଧାନ ଇମାମ୍ (ଧର୍ମାଧ୍ୟକ୍ଷ) ସାହେବ କହିଲେ; ପ୍ରଥମ ଥର ଏପରି ବଡ଼ ଧରଣର କାର୍ଯ୍ୟକ୍ରମରେ ସାମିଲ ହୋଇଛି । ଆଶ୍ଚର୍ଯ୍ୟର ବିଷୟ ଏହିକି ଯେ, ଭିନ୍ନ ରୂପରଙ୍ଗ ଓ ବେଶଭୂଷାର ଲୋକେ ପରସ୍ପର ସହିତ ଗୋଟିଏ ପରିବାର ପରି ସାକ୍ଷାତ କରୁଥିଲେ । ଇମାମ ଜମାଅତଙ୍କ ଭାଷଣ ଅତି ରୋଚକପୂର୍ଣ୍ଣ ଓ ଇସଲାମୀୟ ଶିକ୍ଷାକୁ ଚିତ୍ରିତ କରିଥିଲା । ଯଦି ଆମେ ତାହାର ପାଳନ କରୁ ତେବେ ସୁନିଶ୍ଚିତ ରୂପେ ଆମ ଜୀବନ ବୈକୁଣ୍ଠ ପାଲଟି ଯିବ ।

ଲିଥୁଆନିୟା'ର ଜଣେ ମହିଳା ପୁସ୍ତକ "ଇସଲାମ୍ ଓ୍ୱସୁଲ୍ କି ଫଲାସଫି"ର ଲିଥୁଆନିନ୍ ଭାଷାରେ ଅନୁବାଦ କରିଛନ୍ତି । ସେ କହିଲେ; ଜମାଅତ୍‌କୁ ଭଲ ଭାବରେ ପର୍ଯ୍ୟବେକ୍ଷଣ କରିବା ନିମନ୍ତେ ଜଲ୍‌ସା ସାଲାନା ଏକ ସୁନ୍ଦର ଅବସର, ଯାହାକି ମୋତେ ପ୍ରାପ୍ତ ହୋଇଗଲା । ଜମାଅତ୍ ଅହେମଦିୟା ନିଜ ମଟୋର ପୁଙ୍ଖାନୁପୁଙ୍ଖ ପାଳନକାରୀ ।

ତୁର୍କୀର ଜଣେ ମହିଳା ଶିକ୍ଷକ ଶ୍ରୀମତୀ ସମିନ୍ ସାହେବା ଯେ ସମ୍ପ୍ରତି ଜର୍ମାନୀରେ ବସବାସ କରନ୍ତି, ସେ କହିଲେ; ଖଲିଫାଙ୍କ ବକ୍ତୃତା ମୋର ସମସ୍ତ ପ୍ରଶ୍ନର ଉତ୍ତର ପ୍ରଦାନ କରିଦେଲା । ଜଲ୍‌ସାର ପରିବେଶ ମୋତେ ବହୁତ ପସନ୍ଦ ଆସିଲା । ଏଭଳି ମାତ୍ରାଧିକ ଲୋକଙ୍କର ଗୋଟିଏ ସ୍ଥାନରେ ଏକତ୍ରିତ ହେବା ଏବଂ ପରସ୍ପର ସହିତ ପ୍ରେମ ସମ୍ପର୍କରେ ଗୁନ୍ଥି

ହୋଇଯିବା ଏକ ଅସାଧାରଣ ଓ ଅବିସ୍ମରଣୀୟ ପ୍ରସଙ୍ଗ । ସରବିୟାର ଜଣେ ସାମ୍ବାଦିକ କହିଲେ; ଜଲ୍ସାରେ ଆପଣମାନଙ୍କ ଉତ୍ତମ ପରିଚାଳନା ବ୍ୟବସ୍ଥା ଆଶ୍ଚର୍ଯ୍ୟଜନକ ଥିଲା । ମୁଁ ନା ବ୍ୟବସ୍ଥା ବିଭାଗରେ ଏବଂ ନା ଚାଳିଷ ହଜାର ଅତିଥିମାନଙ୍କ ସମାବେଶ ମଧ୍ୟରେ କୌଣସି ତ୍ରୁଟି ପରିଲକ୍ଷିତ କରିଥିଲି । ସର୍ବିୟା'ର ଆଉ ଜଣେ ମହିଳା ସାମ୍ବାଦିକ କହିଲେ; ମୋ ହୃଦୟରେ କର୍ମକର୍ତ୍ତା ଓ ଯୋଗଦାନକାରୀଙ୍କ ପ୍ରତି ପ୍ରେମାନୁରାଗ ଭରି ଯାଇଛି । ଉପସ୍ଥିତ ଖଲିଫା ମହିଳାମାନଙ୍କୁ ଯେଉଁ ଉଦ୍‌ବୋଧନ ଦେଲେ ତାହା ଅତି ପ୍ରଭାବଶାଳୀ ଥିଲା ।

ଜଣେ ଜର୍ମାନୀ କ୍ୟାଥୋଲିକ୍ ଖ୍ରୀଷ୍ଟଧର୍ମାବଲମ୍ବୀ ଟି.ଭିର ପ୍ରତିନିଧି କହିଲେ; ଖଲିଫାଙ୍କର ବକ୍ତୃତା ଅତି ପ୍ରଭାବଶାଳୀ ଥିଲା । ଏପରି ଚିତ୍ତାକର୍ଷକ ଥିଲା ଯେ, ତାହାକୁ କେବଳ ଶୁଣିନେବା ଯଥେଷ୍ଟ ନୁହେଁ, ବରଂ ତାହା ଉପରେ ଗଭୀର ଚିନ୍ତନ ଓ ମନ୍ଥନ କରିବା ଉଚିତ୍ । ଜଣେ ଜର୍ମାନୀ ମହିଳା ଯେ ଜଲସାରେ ସମ୍ମାନ ପୂର୍ବକ ଓଢ଼ଣି ଓଢ଼ି ବସିଥିଲେ । ସେ କହିଲେ; ଆପଣଙ୍କ ବକ୍ତୃତା ଶୁଣି ମୋ ହୃଦୟ ଏପରି ପ୍ରଭାବିତ ହେଲା ଯେ, ମୋ ଚକ୍ଷୁରୁ ଅଶ୍ରୁ ନିର୍ଗତ ହୋଇଗଲା । ଖଲିଫାଙ୍କ ଅଭିଭାଷଣ ହୃଦୟସ୍ପର୍ଶୀ ଥିଲା ।

ଜର୍ମାନୀ ଜଲ୍ସାର ମିଡ଼ିୟା କଭରେଜ୍ ଅର୍ଥାତ ପ୍ରସାରଣ ମଧ୍ୟ ଖୁବ୍ ସ୍ୱାଗତ ଯୋଗ୍ୟ ଥିଲା । ଚାରୋଟି ଟି.ଭି ଚ୍ୟାନେଲ୍ ମାଧ୍ୟମରେ ୪୧ମିଲିୟନ୍, ୧୧ଗୋଟି ଖବରକାଗଜ ମାଧ୍ୟମରେ ୫୦ମିଲିୟନ୍, ପାଞ୍ଚଟି ରେଡ଼ିଓ ସେଣ୍ଟର୍ ମାଧ୍ୟମରେ ୧୪ମିଲିୟନ୍ ଏବଂ ଅନ୍ ଲାଇନ୍ ମାଧ୍ୟମରେ ୨ମିଲିୟନ୍ ଲୋକମାନଙ୍କ ନିକଟରେ ଜଲ୍ସାର ପ୍ରସାରଣ ପହଞ୍ଚିଥିଲା । ଅଲ୍ଲାଃତାଲା ଏହାର ଉତ୍ତମ ପ୍ରତିଫଳ ଉଦ୍ଭୁତ କରାନ୍ତୁ ।

ଏହି ଲୋକମାନଙ୍କର ଯେଉଁ କିଛି ମତାମତ ମୁଁ ଉପସ୍ଥାପନ କଲି ତାହା କେବଳ ଅଲ୍ଲାଃତାଲାଙ୍କର ଦୟା ଓ କୃପା ଯେ, ସେ ଆମ ତ୍ରୁଟିଗୁଡ଼ିକୁ ଢ଼ାଙ୍କି ଦେଲେ । ବିଭିନ୍ନ ମସଜିଦ୍‌ର ଉଦ୍‌ଘାଟନୀ ଅବସରରେ ମଧ୍ୟ ଲୋକମାନେ ସକରାତ୍ମକ ମନ୍ତବ୍ୟ ପରିପ୍ରକାଶ କରିଥିଲେ ଯେ, ଆଜି ଇସଲାମ ପ୍ରସଙ୍ଗରେ ଆମ ରାଏ ପରିବର୍ତ୍ତନ ହୋଇଯାଇଛି । ସେମାନେ ଅଭିଯୋଗ ମଧ୍ୟ କଲେ ଯେ ଆମ ପରିଚିତ ଅହେମଦିମାନେ ପୂର୍ବରୁ ଆମକୁ ଏହି ସୁନ୍ଦର ଶିକ୍ଷା ସମ୍ପର୍କରେ କାହିଁ ସୂଚିତ କରି ନଥିଲେ । ସୁତରାଂ ପ୍ରତ୍ୟେକ ଅହେମଦିକୁ କୌଣସି ପ୍ରକାର ନକାରାତ୍ମକ ଭାବ ପୋଷଣ ନକରି ଇସଲାମ୍ ଓ ହଜରତ ମସିହ ମଉଦ [ଅ.ସ]ଙ୍କ ପରିଚୟ ଦେବା ଉଚିତ୍ । କେବଳ ପତ୍ରିକା ବଣ୍ଟନ କରିଦେଲେ ଉଦ୍ଦେଶ୍ୟ ପୂରଣ ହୋଇଯାଇ ନଥାଏ । ଏବେ ମଧ୍ୟ ଲୋକମାନେ ଧାର୍ମିକ କଥା ଶୁଣିବାକୁ ଆଗ୍ରହି ।

ଆମମାନଙ୍କୁ ପ୍ରତ୍ୟେକ ସ୍ଥାନରେ ନିଜର ସମୀକ୍ଷା କରିବା ଆବଶ୍ୟକ । ନିଜ ଦୋଷତ୍ରୁଟି ପ୍ରତି ଧ୍ୟାନ ଦେବା ଉଚିତ୍ । କାରଣ ଏଠାରେ ବହୁତ ଉନ୍ନତି ଅଣାଯାଇ ପାରିବ । ନିଜକୁ ଅଧିକରୁ ଅଧିକ ପରିମାର୍ଜିତ କରିବା ଉଚିତ୍ । ଦୁଆ କରି, ଅଲ୍ଲାଃତାଲାଙ୍କ ସାହାଯ୍ୟ ଭିକ୍ଷା କରି କାର୍ଯ୍ୟ ଆରମ୍ଭ କରନ୍ତୁ । ବ୍ୟବସ୍ଥା ବିଭାଗ ଓ ଜଲସାରେ ଯୋଗଦାନକାରୀଙ୍କୁ ସର୍ବଦା ଜଲ୍ସାର ଉଦ୍ଦେଶ୍ୟ ପୂରଣ କରିବାକୁ ପୂର୍ଣ୍ଣ ପ୍ରୟାସ କରିବା ଉଚିତ୍ । ଅଲ୍ଲାଃତାଲା ଆମମାନଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ ଏବଂ ଆସନ୍ତାରେ ସମସ୍ତଙ୍କୁ ଉତ୍ତମ ରୂପେ ଜଲ୍ସାର ଉଦ୍ଦେଶ୍ୟ ପୂରଣ କରିବାକୁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉୟ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a
8th September 2023